## ସଂକ୍ଷେପରେ

### ଯାତ୍ରୀବାହୀ ଅଟୋ ଓଲଟି ୬ ଆହାତ, ୩ ଗୁରୁତର

ଦିଗପହଣ୍ଡି,୧୯।୬(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ସହର ଉପକଣ୍ଠ ଅନଙ୍ଗପୁର ଗାଁ ନିକଟ ମୁଖ୍ୟରାସ୍ତାରେ ବୁଧବାର ଅପରାହ୍ଣରେ ଏକ ଯାତ୍ରୀବାହୀ ଅଟୋ (ନଂ.ଓଡି ୦୭ ଜେଡ -୬୮୭୨) ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଚାଳକଙ୍କ ସମେତ ୬ ଜଣ ଆହାତ ହୋଇଛନ୍ତି। ସେମାନେ ହେଲେ ଦିଗପହଣ୍ଡି ସାନବ୍ରାହ୍ମଣ ସାହିର ଦନାର୍ଦ୍ଦନ ମହାରଣା, ତାଙ୍କ ସ୍ତ୍ରୀ ଶକୁନ୍ତଳା ମହାରଣା, ଜକରାପଲ୍ଲୀ ଗ୍ରାମର କୁନି ଗୌଡ଼, କେ.ନୂଆଗାଁ ଥାନା ଗୌଡ଼ ଗାଁର ଲବଙ୍ଗ ବେହେରା, ବ୍ରହ୍ମପୁର ସଦର ଥାନା କୁକୁଡ଼ାଖଣ୍ଡି ଗ୍ରାମର ରମା ଗୌଡ଼, ପାଟପୁର ଥାନା ସାହସପୁର ଗ୍ରାମର ଅଟୋ ଚାଳକ ଭଗବାନ ସେଠୀ। ଆହାତମାନଙ୍କୁ ଉଦ୍ଧାର କରାଯାଇ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥା ଗୁରୁତର ଥିବାରୁ ଦନାର୍ଦ୍ଦନ ମହାରଣା, ଶକୁନ୍ତଳା ମହାରଣା ଏବଂ କୁନି ଗୌଡ଼ଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଯାତ୍ରୀମାନେ ବ୍ରହ୍ମପୁରରୁ ଦିଗପହଣ୍ଡି ଅଭିମୁଖେ ଆସୁଥିବା ବେଳେ ଦୁର୍ଘଟଣା ଘଟିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଅଟୋକୁ ଜବତ କରି ମାମଲା ରୁଜୁ କରିଛି।

### ସିରିଜ ଚୋରି ଘଟଣାରେ ଜଣେ ଗିରଫ, ଟଙ୍କା ଜବତ

ଖଲ୍ଲିକୋଟ,୧୯।୬(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ଥାନା ଅନ୍ତର୍ଗତ କେଶପୁର ଛକ ନିକଟରେ ଗତ ୧୩ ତାରିଖ ରାତିରେ ହୋଇଥିବା ସିରିଜ ଚୋରି ଘଟଣାରେ ପୋଲିସ ବୁଧବାର ଜଣେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ତେନ୍ତୁଳିଆପଡା ଗ୍ରାମର ରାକେଶ ଜାଲୀ (୨୦)। ତାଙ୍କଠାରୁ ପୋଲିସ ନଗଦ ୨୫୦୦ ଟଙ୍କା ଜବତ କରିଛି। ପଣ୍ଡିତ ଗାଁ ଛକରୁ ୧୩ ତାରିଖ ରାତିରେ ୪ ଟି ଦୋକାନର ତାଲା ଭାଙ୍ଗି ଟଙ୍କା ସହ ଜିନିଷ ପତ୍ର ଲୁଟି ନେଇଥିଲେ ଦୁର୍ବୃତ୍ତ। ଲକ୍ଷ୍ମୀ ନାରାୟଣ ଚୁଡ଼ି ମହଲ ଓ କ୍ଷେତ୍ରସନାରୀ ଦୋକାନର ତାଲା ଭାଙ୍ଗି ଭିତରେ ପଶିବା ସହ ଡ୍ର ଭାଙ୍ଗି ସେଥିରେ ଥିବା ପ୍ରାୟ ୩ ହଜାର ଟଙ୍କା ନେଇ ଯାଇଥିଲେ। ଏଥିସହ ବିଭିନ୍ନ ଜିନିଷ ପତ୍ର ମଧ୍ୟ ନେଇ ଯାଇଥିଲେ। ସିସିଟିଭି କ୍ୟାମେରା ଭାଙ୍ଗିବା ସହ ତାର ଛିଣ୍ଡାଇ ହାର୍ଡ ଡିସ୍କ ବାହାରେ ଫିଙ୍ଗି ଦେଇଥିଲେ। ଏଥିସହ ଦରକାରୀ କାଗଜପତ୍ର ମଧ୍ୟ ଚିରି ଫୋପାଡ଼ି ଦେଇଥିବା ନେଇ ମାଲିକ ଏନ. ପ୍ରସନ୍ନ ଦୋରା ଥାନାରେ ଅଭିଯୋଗ କରିଥିଲେ। ସେହିପରି ଅନ୍ୟ ତିନୋଟି ଦୋକାନରୁ ଲୁଟ ପାଟ କରିବା ସହ ଜଣେ ବ୍ୟକ୍ତିଙ୍କ ଘର ବାରଣ୍ଡାରେ ରଖାଯାଇଥିବା ଗୋଟିଏ ବାଇକ ମଧ୍ୟ ଚୋରି କରି ନେଇଥିଲେ। ଏନ. ପ୍ରସନ୍ନ ଦୋରାଙ୍କ ଅଭିଯୋଗକୁ ଭିତ୍ତି କରି ଖଲ୍ଲିକୋଟ ପୋଲିସ ନଂ.୫୦୪/୨୪ ଅନୁଯାୟୀ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଋଷିମାଳ ରାସ୍ତା ସମ୍ପ୍ରସାରଣରେ ବିଳମ୍ୱ

## ନିମ୍ନମାନର କାର୍ଯ୍ୟ ନେଇ ଅସନ୍ତୁଷ୍ଟ ଅଞ୍ଚଳବାସୀ

ଦାରିଙ୍ଗବାଡ଼ି,୧୯।୬(ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକର ଦୁର୍ଗମ ତଥା ଅପହଞ୍ଚ ଅଞ୍ଚଳକୁ ସଂଯୋଗକରଣ କରିବା ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ଏହି କ୍ରମରେ ଦୁର୍ଗମ ହାତୀମୁଣ୍ଡା ପଞ୍ଚାୟତରେ ରହିଥିବା ଐତିହ୍ୟ ଦେବଭୂମି ଋଷିମାଳ ପାହାଡ଼କୁ ସଂଯୋଗ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପକ୍କା ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିଲା। ଏହା ଅହେତୁକ ବିଳମ୍ବ ଯୋଗୁ ରାସ୍ତା କାର୍ଯ୍ୟ ସରୁ ନଥିବା ବେଳେ କାର୍ଯ୍ୟ ଅତି ନିମ୍ନମାନର କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଆସୁଥିଲେ ସୁଦ୍ଧା ଜିଲା ପ୍ରଶାସନ ନିରବ ସାଜିଛି। ଏ ନେଇ ପୂର୍ବରୁ ଗ୍ରାମବାସୀ ପ୍ରଶାସନଙ୍କୁ ଅବଗତ କରିଥିବା ବେଳେ ପୀଡ଼ିକାରିପି ଗ୍ରାମବାସୀ ଠିକା ସଂସ୍ଥାର କାର୍ଯ୍ୟକୁ ବିରୋଧ ମଧ୍ୟ କରିଥିଲେ, ହେଲେ



ରାସ୍ତା କାମ ଚାଲିଛି।

କୌଣସି ସୁଫଳ ମିଳିଲା ନାହିଁ। ଉକ୍ତ ୧୭ କିମି ରାସ୍ତା ପାଇଁ ସାଢେ ୧୦ କୋଟି ଟଙ୍କା ଅନୁଦାନ ରହିଛି। ଯେଉଁ ମାନର କାର୍ଯ୍ୟ କରାଯିବା ନିୟମ ରହିଛି, ସେହି ପ୍ରକାରର କରାଯାଉନଥିବା ଗ୍ରାମର ସୁଜୟନନ୍ଦ ଦେଶମାଝୀ ଏବଂ ବ୍ରହ୍ମାନନ୍ଦ ଦେଶମାଝୀ ପ୍ରମୁଖ ଅଭିଯୋଗ କରିଛନ୍ତି। ଏବେ ପିଚୁ ପକାଇବା କାର୍ଯ୍ୟ ଆରମ୍ଭ କରାଯାଇଥିବା ବେଳେ ମେଟାଲ ଉପରେ ସିଧା ବଜୁରି ପିଚୁ ଢଳେଇ କରାଯାଉଛି, ଯାହାକି ଘାଟି ରାସ୍ତା ଯୋଗୁ ମେଟାଲଗୁଡିକ ଉଠିଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ଗଞ୍ଜାମ ଜିଲା ଆଡିବାଙ୍ଗାଠାରୁ ଋଷିମାଳ ଦେବଭୂମି ପର୍ଯ୍ୟନ୍ତ ପ୍ରାୟ ୧୭ କିମି ରାସ୍ତା ସମ୍ପ୍ରସାରଣ ଶେଷ ହେଲେ ଦୁର୍ଗମ ହାତୀମୁଣ୍ଡା ପଞ୍ଚାୟତ ସମେତ ବ୍ରାହ୍ମଣୀଗାଁ, ଗଦାପୁର ଆଦି ଅଞ୍ଚଳବାସୀଙ୍କୁ ଗଞ୍ଜାମ ଜିଲା ନିକଟ ହୋଇପାରିବ। ଏହା ଦ୍ୱାରା ଉକ୍ତ ଅଞ୍ଚଳବାସୀ ବ୍ରହ୍ମପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ସହ ବିଭିନ୍ନ କାର୍ଯ୍ୟ ପାଇଁ ଯାତାୟାତ ସୁବିଧା ରହିବ। ତେବେ ଉକ୍ତ ରାସ୍ତା ସମ୍ପ୍ରସାରଣ ପାଇଁ ଜଙ୍ଗଲ ଓ ପରିବେଶ ବିଭାଗ ସଂରକ୍ଷିତ ଜଙ୍ଗଲ ଦେଇ ଯାଉଥିବାରୁ ବନ ବିଭାଗର ଅନୁମତି ମିଳିବାରେ ବିଳମ୍ବ ହୋଇଛି । ଏବେ ଅନୁମତି ପାଇଁ ସମସ୍ତ ପ୍ରକ୍ରିୟା ଚାଲିଛି, ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ୟାମସୁନ୍ଦର ସିଂ କହିଛନ୍ତି। ସେହିପରି ରାସ୍ତା କାର୍ଯ୍ୟ ନିମ୍ନମାନର ହେଉନଥିବା ସେ କହିଛନ୍ତି।

# ବାତ୍ୟା ଆଶ୍ରୟସ୍ଥଳରେ ମକଡ୍ରିଲ



ନିଆଁ ଲିଭା କୌଶଳ ପ୍ରଦର୍ଶନ କରାଯାଉଛି।

ଆସିକା ୧୯।୬ (ସୁରେନ୍ଦ୍ର ନାଥ ସାହୁ)

ଆସିକା ବ୍ଲକ ଗୁଣ୍ଠପଡା ପଞ୍ଚାୟତ ଅନ୍ତର୍ଗତ ଜଗଦଳପୁର ଓ ସିଦ୍ଧନୟୀ ପଞ୍ଚାୟତର ମହାରାଜପୁରଠାରେ ବଡ଼ନଦୀର ଉଭୟ ପାର୍ଶ୍ୱରେ ଥିବା ବାତ୍ୟା ଆଶ୍ରୟସ୍ଥଳିରେ ବୁଧବାର ମକଡ୍ରିଲ କରାଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜନସାଧାରଣ ଓ ଗୃହପାଳିତ ପ୍ରାଣୀ ସାଙ୍ଗକୁ ଗର୍ଭବତୀ, ପ୍ରସୂତୀ, ଦିବ୍ୟାଙ୍ଗ ଓ ବୟସ୍କଙ୍କୁ କିଭଳି ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯିବ ସେ ସମ୍ପର୍କିତ କୌଶଳ ପ୍ରଦର୍ଶନ କରାଯାଇଥିଲା। ଏହାଛଡା ଆକସ୍ମିକ ଅଗ୍ନିକାଣ୍ଡ ପରିସ୍ଥିତିରେ କିପରି ନିଆଁ ଆୟତ କରାଯାଇପାରିବ ସେ ସମ୍ପର୍କରେ ମଧ୍ୟ କୌଶଳ ପ୍ରଦର୍ଶିତ ହୋଇଥିଲା । ଆସିକା ବିଡିଓ ଫକୀର ଚରଣ ପରିଡା, ଗୁଣ୍ଠପଡା ସରପଞ୍ଚ ଶୈଳବାଳା ଦଳାଇ, ସିଦ୍ଧନୟୀ ସରପଞ୍ଚ ତନୁଲତା ବିଷୋୟୀ, ପିଇଓ ରାଜଶ୍ରୀ ସାହୁ, ଏବିଇଓ ବିଭୂନନ୍ଦନ ପଣ୍ଡା, ଅଗ୍ନିଶମ ଅଧିକାରୀ କୈଳାସ ଚନ୍ଦ୍ର ସାହୁ, ଆଶ୍ରୟସ୍ଥଳି ରକ୍ଷଣାବେକ୍ଷଣ ସମିତିର ସଂପାଦକ ରାଧାକାନ୍ତ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଅଗ୍ନିଶମ ବିଭାଗର ପ୍ରଶାନ୍ତ କୁମାର ମହାପାତ୍ର, ସନଜ ପ୍ରଧାନ, ରଞ୍ଜନ କୁମାର ଭୋଇ, କଳ୍ପନାଥ ସାହୁ ପ୍ରମୁଖ ବିଭିନ୍ନ ବିପର୍ଯ୍ୟୟ ପରିସ୍ଥିତିରେ ଉଦ୍ଧାର କୌଶଳ ପ୍ରଦର୍ଶନ କରିଥିଲେ।

# ଗାଁରେ ପହଞ୍ଚିଲା ଦାଦନ ଶ୍ରମିକଙ୍କ ମୃତଦେହ

ମୋହନା,୧୯।୬(ମନ୍ମଥ ମିଶ୍ର)

ପୁଣି ଏକ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଅଧାବାଟରେ ଯାଇଛି ଜୀବନ। ଏଭଳି ଘଟଣା ଦେଖିବାକୁ ମିଳିଛି ଗଜପତି ଜିଲା ମୋହନା ବ୍ଲକ ବଡ଼ ସିନ୍ଧବା ପଞ୍ଚାୟତର ଗାନ୍ଧୀନଗର ଗାଁରେ। ଗାଁର ସୁଭେନ୍ ମାଳି ଘରର ଆର୍ଥିକ ଅନଟନ ସୁଧାରିବା ପାଇଁ କିଛି ଦିନ ପୂର୍ବରୁ ରୋଜଗାର କରିବା ପାଇଁ କେରଳ ଯାଇଥିଲେ । ଘରେ ତିନୋଟି ଭଉଣୀର ପାଠ ପଢ଼ା ସାଙ୍ଗକୁ ବାପା ମା'ଙ୍କ ଦାୟିତ୍ୱ ବି ପଡ଼ିଥିଲା। ଘରେ ରୋଜଗାର କରିବା ପାଇଁ ଏକମାତ୍ର ସାହା ରହିଥିଲା ସୁଭେନ ମାଳି। ହେଲେ ଦଇବ ସାଜିଲା ଦାଉ। କେରଳରେ ପହଞ୍ଚି ଏକ ଘରୋଇ କମ୍ପାନୀର କାମ କରୁଥିବା ସମୟରେ ହଠାତ ତାଙ୍କ ଦେହ ଅସୁସ୍ଥ ହୋଇପଡ଼ିଥିଲା। ଫଳରେ ସେଠାରେ ଚିକିତ୍ସା କରି ଗାଁକୁ ଟ୍ରେନ୍‌ରେ ଆସୁଥିବା ସମୟରେ ବିଜୟୱାଡ଼ା ରେଳଷ୍ଟେଶନ



ମୃତଦେହ ପହଞ୍ଚିବା ପରେ ଘର ସମ୍ମୁଖରେ ଲୋକଙ୍କ ଭିଡ଼।

ନିକଟରେ ଶୋଇଥିବା ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଶୁଭେନ୍‌ଙ୍କ ସାଥିରେ ଆସୁଥିବା ସମ୍ପର୍କୀୟ ଭାଇ ତାଙ୍କ ପରିବାରକୁ ମୃତ୍ୟୁ ଖବର ଦେଇଥିଲେ। ଖବର ପାଇବା ପରେ ଅତି ଗରିବ ପରିବାର ହୋଇଥିବାରୁ କିଭଳି ଶୁଭେନଙ୍କ ମୃତଦେହ ଗାଁକୁ ଅଣାଯିବ ତାହା ଚିନ୍ତାରେ ପଡ଼ିଥିଲେ। ଫଳରେ ଗାଁ ଲୋକେ ଚାନ୍ଦା ଆଦାୟ କରିବା ପରେ ମୃତଦେହକୁ ଏକ ଆମ୍ବୁଲାନ୍ସ ଯୋଗେ ଗାଁକୁ ଅଣାଯାଇଥିଲା। ତେବେ ମୃତକ ଗରିବ ପରିବାର ହୋଇଥିବାରୁ କିଛି ଆର୍ଥିକ ସହାୟତା ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି ଗାଁ ଲୋକଙ୍କ ସହ ପରିବାର ଲୋକେ।

### ପ୍ରେମିକାଙ୍କ ସହ ମତାନ୍ତରରୁ ଆତ୍ମହତ୍ୟା ଉଦ୍ୟମ

ଖଲ୍ଲିକୋଟ,୧୯।୬(ପ୍ରଶାନ୍ତ କୁମାର ମିଶ୍ର)

ପ୍ରେମିକାଙ୍କ ସହ ଝଗଡା ଲାଗିବା ପରେ ପ୍ରେମିକ ନିଜ ପେଟରେ ଛୁରି ଭୁସି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ବେଗୁନିଆପଡ଼ା ଥାନା ଅନ୍ତର୍ଗତ ସୁମଣ୍ଡଳ ଗ୍ରାମରେ ବୁଧବାର ଏହି ଅଭାବନୀୟ ଘଟଣା ଘଟିଛି। ଗୁରୁତର ଯୁବକଙ୍କୁ ପ୍ରଥମେ ଖଲ୍ଲିକୋଟ ଡାକ୍ତରଖାନା ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ପାଟପୁର ଥାନା କଂସାମାରି ଗ୍ରାମର ଯୁବକ ଜଣକ ସୁମଣ୍ଡଳ ଗ୍ରାମର ଜଣେ ୨୧ ବର୍ଷୀୟା ଯୁବତୀଙ୍କୁ ଭଲ ପାଉଥିଲେ। ସେ ପ୍ରେମିକାକୁ ଦେଖାକରିବାକୁ ତାଙ୍କ ଗ୍ରାମକୁ ଆସିଥିବା ବେଳେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏ ନେଇ ଯୁବକ ଜଣକ ନିଜ ପେଟରେ ଛୁରି ଭୁସି ଦେଇଥିଲେ। ଖଲ୍ଲିକୋଟ ପୋଲିସ ପହଞ୍ଚି ଆହତ ଯୁବକଙ୍କୁ ପଚରାଉଚରା କରିଥିଲେ।

# ମ୍ୟାଲେରିଆ ନିରାକରଣ ପ୍ରସ୍ତୁତି ତାଲିମ ଶିବିର

ଫିରିଙ୍ଗିଆ,୧୯।୬(ବିକ୍ରମ ଦିଗାଲ)

ମ୍ୟାଲେରିଆ ନିରାକରଣ ପାଇଁ କନ୍ଧମାଳ ଜିଲା ଅଣସଂକ୍ରାମକ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଓ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀଙ୍କ ମିଳିତ ଉଦ୍ୟମରେ ବନ୍ଧଗଡ଼ସ୍ଥିତ ତାଲିମ ଓ ସମ୍ବଳ କେନ୍ଦ୍ରଠାରେ ଏକ ଦିନିକିଆ ତାଲିମ ଶିବିର ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭି.ବି.ଡି.ଟି.ଏସ. କୁମୁଦ ଚନ୍ଦ୍ର ସାହୁ ଉପସ୍ଥିତ ରହି ଗାଁଗହଳିରେ କିପରି ଲୋକମାନଙ୍କୁ ବୁଝାଶୁଝା କରି ମାଲେରିଆ ବ୍ୟାପୁଥିବା ଗ୍ରାମଗୁଡିକରେ ଡି.ଡି.ଟି ସ୍ପ୍ରେ ସମ୍ପୂର୍ଣ୍ଣ ଭାବେ ହୋଇପାରିବ, ସେଥିପ୍ରତି ଯତ୍ନବାନ ହେବାକୁ କହିଥିଲେ। ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏମ୍.ଟି.ଏସ୍. ସନତ କୁମାର ମହାପାତ୍ର ପ୍ରଦର୍ଶନୀ ଓ ଭାଷଣ ମାଧ୍ୟମରେ ସମସ୍ତ କର୍ମୀଙ୍କୁ ସ୍ପ୍ରେ ମେଶିନର ବ୍ୟବହାର, ଔଷଧ ଓ ପାଣି ମିଶ୍ରଣର ପରିମାଣ ଏବଂ ସିଞ୍ଚନ ସମୟର ସାବଧାନତା ସମ୍ପର୍କରେ ବୁଝାଇଥିଲେ। ତାଲିମରେ ଫିରିଙ୍ଗିଆ, କ.ନୂଆଗାଁ ଓ ବାରଖମାରୁ ୨୫ ରୁ ଅଧିକ କ୍ଷେତ୍ର କର୍ମୀ ଉପସ୍ଥିତ ରହି ତାଲିମ ନେଇଥିବା ବେଳେ ଅନୁଷ୍ଠାନ ତରଫରୁ ବିଶ୍ୱରଞ୍ଜନ କର ପରିଚାଳନା କରିଥିଲେ। ସମ୍ପାଦକ ହରିଶଙ୍କର ରାଉତ ମ୍ୟାଲେରିଆକୁ ଦମନ କରିବା ପାଇଁ ନିଆଯାଇଥିବା ପଦକ୍ଷେପକୁ ସ୍ୱାଗତ କରିଥିଲେ।

# ଆର୍‌ପିଏଲ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ପାରଳାଖେମୁଣ୍ଡି,୧୯।୬ (ଗିରିଧାରୀ ପରିଛା)

ଗଜପତି ଜିଲା ରାୟଗଡ ବ୍ଲକ ସଦର ମହକୁମାଠାରେ ରାୟଗଡ଼ ପ୍ରିମିୟର ଲିଗ୍ (ଆର୍‌ପିଏଲ୍) କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ



ଟୁର୍ନାମେଣ୍ଟ ଉଦ୍‌ଘାଟନ କରୁଛନ୍ତି ଅତିଥି।

ସୁଷମା ଶବର, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟା ଗୋଲୁରୁ ଶୋଭାରାଣୀ, ଏସଆଇ କୃଷ୍ଣଚନ୍ଦ୍ର ମଲ୍ଲିକ, ଏସ୍‌ଆଇ ଜ୍ୟୋତ୍ସ୍ନା ରାୟ ପ୍ରମୁଖ ଯୋଗଦେଇ ଟୁର୍ନାମେଣ୍ଟ ଉଦଘାଟନ କରିଥିଲେ। ପ୍ରଥମ ଥର ପାଇଁ ରାତିରେ ହେଉଥିବା ଏହି ଟୁର୍ନାମେଣ୍ଟରେ ରାୟଗଡର ପ୍ରାୟ ୧୬ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ଫାଇନାଲରେ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି। ଟୁର୍ନାମେଣ୍ଟକୁ ଏ. ଶ୍ରୀକାନ୍ତ ଦୋରା, ଜଗତ ପଟନାୟକ, ଅଶୋକ ପାଇକ, ଲୋକେଶ ପଟ୍ଟନାୟକ, ଅଭିମାନ ପଟ୍ଟନାୟକ, ମିଥୁନ ଦାସ, କାଳିଆ ପାଇକ, ସାଗର ବାରିକ ପ୍ରମୁଖ ପରିଚାଳନା କରୁଛନ୍ତି।

# ଜିଲାସ୍ତରୀୟ ପ୍ରଧାନମନ୍ତ୍ରୀ ସମ୍ମାନ ନିଧି କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଜି.ଉଦୟଗିରି,୧୯।୬(ଶିଶିର ପଟ୍ଟନାୟକ)

କ୍ଷୁଦ୍ର ଓ ମଧ୍ୟମ ବର୍ଗର ଚାଷୀଙ୍କୁ ସ୍ୱାବଲମ୍ବୀ କରିବା ସହ ସେମାନଙ୍କୁ ଉତ୍ସାହିତ କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ନାମକ ଏକ ସ୍ୱତନ୍ତ୍ର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଚଳିତ ବର୍ଷ ଦେଶ ବ୍ୟାପି ୧୭ ତମ ସହାୟତା କିସ୍ତି ବଣ୍ଟନ କାର୍ଯ୍ୟକ୍ରମ ମଙ୍ଗଳବାର ହୋଇଥିବା ବେଳେ ଏହି କ୍ରମରେ ଜି.ଉଦୟଗିରି କୃଷି ବିଜ୍ଞାନ କେନ୍ଦ୍ରରେ ୬୦ ଜଣ କୃଷକଙ୍କୁ ନେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭାଜପା ଜିଲା କୃଷକ ମୋର୍ଚ୍ଚା ସଭାପତି ଅବନେଶ୍ୱର ପ୍ରଧାନ ଯୋଗଦେଇ ଚାଷିଙ୍କୁ ଉତ୍ସାହିତ କରିବା ସହିତ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରିଥିଲେ। କନ୍ଧମାଳ ଜିଲା କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ଡ. ନାରାୟଣ ବାରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବୈଜ୍ଞାନିକମାନେ ଉପସ୍ଥିତ ରହି ସ୍ୱାବଲମ୍ବୀ ହେବାକୁ କୃଷକମାନଙ୍କୁ ପରାମର୍ଶ ଦେଇଥିଲେ। ଶେଷରେ କୃଷି ବିଜ୍ଞାନ କେନ୍ଦ୍ରର କ୍ଷେତ୍ର ବୈଜ୍ଞାନିକ ଶ୍ରୀପାଳି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଇକ୍ ଧକ୍କାରେ ଜଣେ ଗୁରୁତର

ମୋହନା,୧୯।୬(ମନ୍ମଥ ମିଶ୍ର)

ମୋହନା ନିକଟ କଣ୍ଟେଇକୋଳି ବୁଲାଣିରେ ବୁଧବାର ଏକ ବାଇକ୍ ଧକ୍କାରେ ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ ଜିତେନ୍ଦ୍ର ପ୍ରସାଦ ଦାସ। ବ୍ରହ୍ମପୁର ଜାତୀୟ ରାଜପଥ ମୋହନା ପଟୁ ଗୁଣପୁରକୁ ବାଇକରେ ଦୁଇ ଜଣ ଯାଉଥିଲେ। ହଠାତ ବିପରୀତ ଅଡବାପଟୁ ଅନ୍ୟ ଏକ ବାଇକ ଆସି ଧକ୍କା ଦେଇଥିଲା। ଫଳରେ ଜିତେନ୍ଦ୍ର ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ମୋହନା ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ଜିତେନ୍ଦ୍ରଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# କୁଇ ସେବା ସମିତିର ନୂତନ କର୍ମକର୍ତ୍ତା ନିର୍ବାଚନ

ଚକାପାଦ,୧୯।୬
(ପ୍ରତାପ କିଶୋର ବେହେରା)

ଚକାପାଦ ବ୍ଲକ କୁସୁମେଣ୍ଡି ଓ ବପଲମେଣ୍ଡି(ଲ) ପଞ୍ଚାୟତର କୁଇ ସମାଜକୁ ନେଇ କୁସୁମେଣ୍ଡିଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପୂର୍ବରୁ ଥିବା କୁଇ ସେବା ସମିତିକୁ ଭଙ୍ଗ କରାଯାଇ ୨ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଲାୟନପଡ଼ା କୁଇ ସେବା ସମିତି ସଭାପତି ଭାବେ ନବଘନ କହଁର, ସମ୍ପାଦକ ମଦନ କହଁର, କୋଷାଧ୍ୟକ୍ଷ ନିରଞ୍ଜନ କହଁର ମନୋନୀତ ହୋଇଥିଲେ। କୁସୁମେଣ୍ଡି ପଞ୍ଚାୟତ ପାଇଁ ସଭାପତି ଭାବେ ପ୍ରଦୀପ କହଁର, ସମ୍ପାଦକ ବଲ୍ଲବ ପ୍ରଧାନ, ବପଲମେଣ୍ଡି(ଲ) ପାଇଁ ସଭାପତି ଭାବେ ଚିତରଞ୍ଜନ ମଳିକ, ସମ୍ପାଦକ ପ୍ରଫୁଲ୍ଲ କୁମାର ମଳିକ ମନୋନୀତ ହୋଇଛନ୍ତି। କୁଇ ମାନଙ୍କ ଏକତା, ପର୍ବ ପର୍ବାଣୀ ପାଳନ, ପ୍ରତ୍ୟେକ ସାଙ୍ଗଠନିକ କାର୍ଯ୍ୟକ୍ରମରେ ସମସ୍ତଙ୍କ ଉପସ୍ଥିତି, ନିଜ ଜାତି ଭିତରେ ବିବାହ ଆଦି ଉପରେ ଆଲୋଚନା ହୋଇଥିଲା।



ବୈଠକରେ ଉପସ୍ଥିତ କୁଇ ସେବା ସମିତିର କର୍ମକର୍ତ୍ତା।

# ବିଶ୍ୱ ସିକଲ୍‌ସେଲ୍ ସଚେତନତା ଦିବସ

ରାଇକିଆ,୧୯।୬(ପ୍ରଦୀପ ବେହେରା)

ରାଇକିଆ ଜୀବନ ଜ୍ୟୋତି ମହାବିଦ୍ୟାଳୟରେ ବୁଧବାର ବିଶ୍ୱ ରକ୍ତ ଶିଙ୍କୁଳି ଦିବସ ଅବସରରେ ସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଭାକର ରାଜୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ରାଇକିଆ ମେଡିକାଲ ଅଫିସର ଶ୍ରୀନିବାସ ପାତ୍ର, ଡକ୍ଟର ଆଶୀଷ ପ୍ରତିହାରୀ, ଶିବରାମ ପ୍ରଧାନ ଯୋଗଦେଇଥିଲେ। ବଂଶାନୁକ୍ରମିକ ଭାବରେ ବ୍ୟାପୁଥିବା ରକ୍ତ ଜନିତ ରୋଗ, ରକ୍ତ ହୀନତା, ରକ୍ତ ଶିଙ୍କୁଳି କିପରି ହେଉଛି, ତଥା ତାର ପ୍ରତିକାର କିପରି କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। 'କରିନେବା ଥରେ ରକ୍ତ ପରୀକ୍ଷା, ଆଗାମୀ ପିଢ଼ିକୁ ଦେବା ସୁରକ୍ଷା' ଏହା ଥିଲା ଏହି ଦିବସର ସ୍ଲୋଗାନ। ଜୁନ ୧୯ ରୁ ଜୁଲାଇ ୩ ତାରିଖ ପର୍ଯ୍ୟନ୍ତ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ମହାବିଦ୍ୟାଳୟ ପରିସରରେ ଆୟୋଜିତ ହେବ। ଅଧ୍ୟାପକ ଡ଼ଃ ସନ୍ତୋଷ ନାୟକ, ସୁକାନ୍ତ କୁମାର ନାୟକ, ଦିଲୀପ କୁମାର ନାୟକ,ଅଧ୍ୟାପିକା କାଜଲ ଦଳାଇ ପ୍ରମୁଖ ଏହି ରକ୍ତଜନିତ ରୋଗ ସମ୍ପର୍କରେ ମତ ରଖିଥିଲେ।

ଦିଗପହଣ୍ଡି,(ଅଶେଷ ନାଥ ମିଶ୍ର): ସେହିପରି ସ୍ଥାନୀୟ ଖେମୁଣ୍ଡି ମହାବିଦ୍ୟାଳୟ ପରିସରରେ ସିକଲ୍‌ସେଲ ସଚେତନତା କର୍ମଶାଳା ଉଦ୍ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅସିତ କୁମାର ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାକୁ ଖେମୁଣ୍ଡି ଓକିଲ ସଂଘର ସଭାପତି ହରପ୍ରସାଦ ରଥ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ।ସେହିଭଳି ମହାବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ମୁଖ୍ୟ ଅଧ୍ୟାପିକା ଆରତୀ ପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ଅଧ୍ୟାପକ ଭବାନୀ ଶଙ୍କର ପାଣିଗ୍ରାହୀ, ଅବିନାଶ ଚନ୍ଦ୍ର ପାଢ଼ୀ, ଗୋପାଳ କୃଷ୍ଣ ପଣ୍ଡା ସମ୍ମାନିତ ବକ୍ତା ଭାବେ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ।



ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଅଧ୍ୟକ୍ଷ ରାଜେନ୍ଦ୍ର ଦାସ ଉଦବୋଧନ ଦେଉଛନ୍ତି।

ଭଞ୍ଜନଗର,(ବାବୁଲା ପ୍ରଧାନ): ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ବୁଧବାର ବିଶ୍ୱ ସିକଲସେଲ (ରକ୍ତ ଶିଙ୍କୁଳି) ସଚେତନତା ଦିବସ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ରାଜେନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦିନକୁ ଦିନ ସିକଲସେଲ ରୋଗୀ ସଂଖ୍ୟା ବଢ଼ୁଛି, ସଚେତନତା ବଢ଼ିଲେ ରୋଗୀ ସଂଖ୍ୟା କମିପାରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଷ୍ଟାଫ କାଉନସିଲ୍ ସେକ୍ରେଟାରୀ ହରପ୍ରସାଦ ଶତପଥୀ, ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ବିଭାଶ ଦାସ, ପ୍ରାଧ୍ୟାପିକା ଆରତିବାଳା ପ୍ରଧାନ, ଡ. ରବୀନ୍ଦ୍ର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ନିଜ ନିଜର ମତ ରଖିଥିଲେ।

# ରକ୍ତଶିଙ୍କୁଳି ରକ୍ତହୀନତା ନିରାକରଣ ସଚେତନତା

ପାରଳାଖେମୁଣ୍ଡି,୧୯।୬
(ଗିରିଧାରୀ ପରିଛା)

ପାରଳାଖେମୁଣ୍ଡିସ୍ଥିତ ମହିଳା ସ୍ନାତକୋତ୍ତର ମହାବିଦ୍ୟାଳୟ ପରିସରରେ ବୁଧବାର ଜନଜାତି ବ୍ୟାପାର ମନ୍ତ୍ରାଳୟ ବିଭାଗ ପକ୍ଷରୁ ଆୟୁଷମାନ ଭାରତ ଅନ୍ତର୍ଭୁକ୍ତ ରକ୍ତଶିଙ୍କୁଳି ରକ୍ତହୀନତା ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷା ଡ. ରୀନା ସାହୁ ଯୋଗଦେଇ ରକ୍ତଶିଙ୍କୁଳି ରକ୍ତହୀନତା ବିଶେଷତଃ ବଂଶଗତ ରୋଗ ଓ ଏହାର ନିରାକରଣ ପାଇଁ ଛାତ୍ରୀମାନେ ପ୍ରାରମ୍ଭରୁ ସଚେତନ ହେବା ଉଚିତ ବୋଲି କହିଥିଲେ। ସେହିପରି ଡ. ଭାରତୀ ପାଣିଗ୍ରାହୀ ରକ୍ତହୀନତା କିପରି ଦୂରୀକରଣ ହେବ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ବରିଷ୍ଠ ପରିସଂଖ୍ୟାନ ନିରୀକ୍ଷକ ନେତ୍ରାନନ୍ଦ ଶତପଥୀ ରକ୍ତହୀନତାର କାରଣ ଓ ଏହାର ନିରାକରଣ ସମ୍ପର୍କରେ କହିବା ସହ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ଆଇରନ ବଟିକା ଓ କୃମୀ ଔଷଧ ସେବନ କରି ସୁସ୍ଥ ସ୍ୱାସ୍ଥ୍ୟ ବଜାୟ ରଖିବାକୁ ଉପଦେଶ ଦେଇଥିଲେ।




ମଞ୍ଚାସୀନ ଅତିଥିମାନେ।

**ସଂକ୍ଷେପରେ**

## ୩ ଚୋରି ମୋବାଇଲ ଫୋନ୍ ଜବତ, ୨ ଗିରଫ

ବ୍ରହ୍ମପୁର,୧୯।୬(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ରେଳବାଇ ଥାନା ପୋଲିସ ୨ ଲୁଟେରାଙ୍କୁ ଗିରଫ କରିଛି। ସେମାନେ ହେଲେ ସୋରଡ଼ା ଥାନା ବୋରସିଂର ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ ଓ ପଶ୍ଚିମବଙ୍ଗର ଦିନେଶ କୁମାର ମହାତୋ। ସେମାନଙ୍କ ନିକଟରୁ ୩ଟି ଚୋରି ମୋବାଇଲ ଫୋନ ଜବତ କରାଯାଇଛି। ସୋମବାର ରାତିରେ ରେଳବାଇ ପୋଲିସ ଓ ଆରପିଏଫ ପୋଲିସ ମିଳିତ ପାଟ୍ରୋଲିଂ କରୁଥିଲେ। ବ୍ରହ୍ମପୁର ଷ୍ଟେଶନର ୪ନଂ ପ୍ଲାଟଫର୍ମରେ ଏକ ଟ୍ରେନ ଅଟକିଥିଲା। ସେଥିରେ ଯାତ୍ରା କରୁଥିବା ୨ ଯୁବକଙ୍କ ଗତିବିଧି ଉପରେ ପୋଲିସର ସନ୍ଦେହ ହୋଇଥିଲା। ପୋଲିସ ସେମାନଙ୍କୁ ଜେରା କରିବା ସହ ୩ଟି ଦାମୀ ମୋବାଇଲ ଫୋନ୍ ଜବତ କରିଥିଲା, ଯାହାର କି ସେମାନେ ଠିକ ତଥ୍ୟ ଦେଇ ପାରି ନଥିଲେ। ସେ ସବୁ ଯାତ୍ରୀଙ୍କଠାରୁ ଚୋରି କରିଥିବା ଉଭୟେ ପୋଲିସ ନିକଟରେ ସ୍ୱୀକାର କରିଥିଲେ।

## ବେଦ ପ୍ରବଚନ ଉଦ୍‌ଯାପିତ

ବ୍ରହ୍ମପୁର,୧୯।୬(ସ୍ମୃତି ରଞ୍ଜନ ମହାଲିକ)

ବେଦ ପ୍ରଚାର ସମିତି ବ୍ରହ୍ମପୁର ଶାଖା ପକ୍ଷରୁ ଗିରି ରୋଡ ସ୍ଥିତ ଏକ ଘରୋଇ କଲ୍ୟାଣ ମଣ୍ଡପରେ ଆୟୋଜିତ ବେଦ ପ୍ରବଚନ କାର୍ଯ୍ୟକ୍ରମ ସୋମବାର ଉଦଯାପିତ ହୋଇଯାଇଛି। ଏଥିରେ ପୂଜ୍ୟ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ମହାରାଜ ଯୋଗ ଦେଇଥିଲେ। ଆଜିର ସମାଜରେ ଲୋକେ ବେଦଠାରୁ ଦୂରେଇ ଯାଉଥିବାରୁ ଘରେ ଘରେ ଅପସଂସ୍କୃତି ବୃଦ୍ଧି ପାଉଛି। ଏଣୁ ସମସ୍ୟାର ସମାଧାନ ପାଇଁ ପ୍ରତି ଘରେ ବୈଦିକ ଶିକ୍ଷା ଦେବା, ପିଲାଙ୍କୁ ଆଧ୍ୟାତ୍ମିକତାରେ ସମ୍ପନ୍ନ କରିବା, ସତସଙ୍ଗର ପ୍ରସାରର ଆବଶ୍ୟକତା ରହିଛି ବୋଲି ସ୍ୱାମୀଜୀ କହିଥିଲେ। ସମିତି ପକ୍ଷରୁ ଦୟା ସାଗର ସାହୁ, ବିଷ୍ଣୁ ପ୍ରସାଦ ମୁନି, ଆର ମୋହନ ରେଡ଼ି, ଅଶୋକ ସୁବୁଦ୍ଧି ଓ ଯୋଗେଶ୍ୱର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ଚେସ ସମର କ୍ୟାମ୍ପ ଉଦ୍‌ଯାପିତ

କବିସୂର୍ଯ୍ୟନଗର,୧୯।୬(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗରସ୍ଥିତ ଗାୟତ୍ରୀ ଇନଷ୍ଟିଚ୍ୟୁଟଠାରେ କବିସୂର୍ଯ୍ୟନଗର ଚେସ ଏକାଡେମୀ ପକ୍ଷରୁ ବୁଧବାର ବିଭିନ୍ନ



ବର୍ଗର ଚେସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାକୁ ମାଷ୍ଟର ସୁରେଶ ଚନ୍ଦ୍ର କର ଓ ଏସ. ଗୋରାଚାନ୍ଦ ରେଞ୍ଜୀ ପରିଚାଳନା କରିଥିଲେ। ଫାଇନାଲ ରାଉଣ୍ଡରେ ପ୍ରତ୍ୟୁଷା ରାଣୀ ଦାସ ପ୍ରଥମ, ଶ୍ରୀୟା ରାଉତ ଦ୍ୱିତୀୟ, ପ୍ରୟାସରାଣୀ କର ତୃତୀୟ ଓ ନୃସିଂହନାଥ କର ଚତୁର୍ଥ ସ୍ଥାନ ଅଧିକାର କରି ଟ୍ରଫି ସହ ମାନପତ୍ର ପାଇଛନ୍ତି। ଶିକ୍ଷାବିତ ଗାୟତ୍ରୀ କରଙ୍କ ଦ୍ୱାରା ଏହା ପ୍ରଦାନ କରାଯାଇଛି। ପ୍ରବାସ ଚନ୍ଦ୍ର ନାହାକ, ଗାୟତ୍ରୀ କର, ଶଶଙ୍କଶେଖର ସାହୁ ଓ ଜ୍ଞାନରଞ୍ଜନ ରଥ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

# ବିପଦ ସାଜିଛି ରାସ୍ତାକଡ଼ ମୁକୁଳା ଡ୍ରେନ୍

ବ୍ରହ୍ମପୁର,୧୯।୬(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରର ବିକାଶ ପାଇଁ ଗଳିକନ୍ଦି ସହିତ କେତେକ ମୁଖ୍ୟ ରାସ୍ତାରେ କାମ ଚାଲିଛି। ତେବେ ଅନେକ କାର୍ଯ୍ୟ ଦୀର୍ଘଦିନ ଧରି ଚାଲିଥିବାରୁ ଲୋକେ ଅସୁବିଧା ଭୋଗିବା ସହିତ ଅସନ୍ତୋଷ ବି ପ୍ରକାଶ କରିଛନ୍ତି। ବ୍ରହ୍ମପୁରର ପ୍ରେମନଗର ରାସ୍ତା କାମ ହିଁ ଏହାର ଏକ ଉଦାହରଣ। ତେବେ ଦୀର୍ଘଦିନ ଧରି ଏହି ରାସ୍ତା କାମ ଚାଲିଥିବାରୁ ଡ୍ରେନଗୁଡିକ ମୁକୁଳା ପଡିଛି। ଏବେ ସେହି ଡ୍ରେନଗୁଡିକ ଲୋକଙ୍କ ପାଇଁ ବିପଦ ସାଜିଛି। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଉକ୍ତ କାମ ସାରିବା ପାଇଁ ଦାବି ହେଉଥିଲେ ବି କାହିଁକି ଏଥିରେ ବିଳମ୍ବ ହେଉଛି ତାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରଶ୍ନ ଉଠିଛି। ଉକ୍ତ ରାସ୍ତା କାର୍ଯ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ କରାଯାଉଛି। ତେବେ ଦୀର୍ଘଦିନ ହେଲା ଏହି ରାସ୍ତା କାମ ଜାରି ରହିଛି। ରାସ୍ତା କଡ ଡ୍ରେନଗୁଡିକ ମୁକୁଳା ପଡିଛି। ଗତ କିଛି ମାସ ତଳେ ହୋଇଥିବା ବର୍ଷାରେ ରାସ୍ତାରେ ପାଣି ସୁଅ କାଟିଥିଲା। ଫଳରେ ରାସ୍ତା ଦେଖିନପାରି ଉକ୍ତ ଡ୍ରେନରେ ଏକ ଅଟୋ ଖସିପଡି କିଛି ଲୋକ ଆହତ ହୋଇଥିଲେ। ତଥାପି ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନଥିଲା ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ବର୍ତ୍ତମାନ ରାସ୍ତା କାମ ସରିଯାଇଥିବା ବେଳେ ଡ୍ରେନ ଗୁଡିକରେ କେତେକ ସ୍ଥାନରେ ପ୍ଲେଟ ପଡିନାହିଁ।



ମୁକୁଳା ପଡିଥିବା ଡ୍ରେନ୍।

ଡ୍ରେନଗୁଡିକ ମୁକୁଳା ପଡିଥିବାରୁ ଅସୁବିଧା ହେଉଛି। ସହରରେ ୪୫୭ କିମ ନାଳ ରହିଛି। ସେଥିରୁ ୧୬୨ କିମି ପକ୍କା। ବାକି ୨୯୫ କିମି ନାଳ ବୈଷୟିକ ଦୃଷ୍ଟିରୁ ମୂଳରାସ୍ତାଠାରୁ ଉଚ୍ଚରେ ଥିବା କାରଣରୁ କିମ୍ବା ପୋତି ହୋଇ ପଡିବାରୁ ଜଳ ନିଷ୍କାସନରେ ବାଧା ଉପୁଜୁଛି। ଉକ୍ତ ନାଳ ପଟେ ସହରର ପର୍ଯ୍ୟାପ୍ତ ଜଳ ଆସୁଛି। ନାଳ ଯେଭଳି ତିଆରି ଚାଲିଛି ବର୍ଷା ହେଲେ ପାଣି ରାସ୍ତାରେ ଭାସିବ ବୋଲି ଅଭିଯୋଗ ହୋଇଛି।

ତେବେ ଏପରି ସ୍ଥଳେ ଯଦି ଡ୍ରେନକୁ ପକ୍କା କରାନଯାଏ ତେବେ ଅବସ୍ଥା ସାଂଘାତିକ ହେବା ସମ୍ଭାବନା ରହିଛି।

୨୦୧୮ ଜୁନରେ ଗୋଳନ୍ଥରା ଥାନା ମନ୍ତ୍ରୀଡି ଗ୍ରାମର ନୀଳକଣ୍ଠ ସାହୁ ଏକ ନିର୍ମାଣାଧୀନ ଡ୍ରେନରେ ଗଳିପଡିଥିଲେ। ତାଙ୍କ ଦେହରେ ଲୁହାଛଡ ପଶିଯିବାରୁ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଏହି ନାଳକାମ କରୁଥିବା ଠିକାଦାର ଓ ସୁପରଭାଇଜରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ପ୍ରେମନଗର ରାସ୍ତା କଡ ଡ୍ରେନରେ ଖାଡିଗୁଡିକ ପଦାକୁ ବାହାରି ରହିଛି। ଏହା ଲୋକଙ୍କ ପାଇଁ ବିପଦ ସାଜିଛି। ପୂର୍ତ୍ତ ବିଭାଗ ପଦକ୍ଷେପ ନ ନଲେ ଅଘଟଣ ଆଶଙ୍କା ରହିଛି। ମାନବାଧିକାର ସୁରକ୍ଷା ମଞ୍ଚର ଆବାହକ ଅବନୀ ଗୟା କହିଛନ୍ତି, ସହରର ବିକାଶ ହେବା ସ୍ୱାଗତ ଯୋଗ୍ୟ କିନ୍ତୁ ଲୋକଙ୍କ ସୁରକ୍ଷା ଦରକାର। ତେଣୁ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଜରୁରୀ ବୋଲି ସେ କହିଛନ୍ତି।

# ଡାକ୍ତର, ନର୍ସିଂ ଅଫିସର ଓ ଆଟେଣ୍ଡାଣ୍ଟଙ୍କୁ ଟିକା ପ୍ରଦାନ

**ଡିପ୍‌ଥେରିଆ ଆତଙ୍କ**

ବ୍ରହ୍ମପୁର, ୧୯।୬(ସୁବାସ ଚନ୍ଦ୍ର ପାଢ଼ୀ)

ରାଜ୍ୟରେ ଡିପଥେରିଆ ରୋଗ ନିଜର କାୟା ମେଲାଉଥିବା ବେଳେ ରାୟଗଡାରୁ ଓ କୋରାପୁଟ ଜିଲାରେ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସେହିପରି ଉକ୍ତ ଜିଲାରୁ ବହୁ ରୋଗୀ ଚିକିତ୍ସା ନିମନ୍ତେ ଏମକେସିଜି ମେଡ଼ିକାଲକୁ ଆସୁଛନ୍ତି। ଯେହେତୁ ଡପଥେରିଆ ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ଦ୍ୱାରା ଅନେକ ସଂକ୍ରମଣର ଶିକାର ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏମକେସିଜି ମେଡ଼ିକାଲର ଶିଶୁ ବିଭାଗରେ କାର୍ଯ୍ୟରତ ଡାକ୍ତର, ନର୍ସିଂ ଅଫିସର ଓ ଆଟେଡାଣ୍ଟଙ୍କୁ ଡିପଥେରିଆ ଟିକା(ଟିଡ଼ି) ପ୍ରଦାନ କରାଯାଇଛି। ଗତ ଦୁଇ ଦିନ ମଧ୍ୟରେ ଶୁଶି ବିଭାଗର ମୋଟ ୨୩ କର୍ମଚାରୀଙ୍କୁ ଟିଡ଼ି ପ୍ରଦାନ କରାଯାଇଥିବା ବିଭାଗର ପ୍ରଫେସର ଡା. ନରେନ୍ଦ୍ର ବେହେରା କହିଛନ୍ତି। ମେଡ଼ିକାଲରେ ଚିକିତ୍ସା ହେଉଥିବା ଆକ୍ରାନ୍ତ ଶିଶୁଙ୍କର ମୋଟ ୫ ସମ୍ପର୍କୀୟଙ୍କୁ ବିତ ଏହି ଟୀକା ପ୍ରଦାନ କରାଯାଇଛି। ଗୁରୁବାର ପୁଣି ୬୭ କର୍ମଚାରୀଙ୍କୁ ଟିକା ପ୍ରଦାନ ନିଷ୍ପତ୍ତି ନିଆଯାଇଛି। ଆଗାମୀ ଦିନରେ ଅନ୍ୟ କର୍ମଚାରୀଙ୍କୁ ମଧ୍ୟ ଉକ୍ତ ଟିକା ଦିଆଯିବ ବୋଲି ଡ଼ା. ବେହେରା କରିଛନ୍ତି। ଡିପଥେରିଆ ରୋଗରେ ଆକ୍ରାନ୍ତଙ୍କୁ ଉକ୍ତ କର୍ମଚାରୀ ଦିନ ରାତି ଚିକିତ୍ସା କରୁଥିବା ବେଳେ ସେମାନଙ୍କ ସୁରକ୍ଷା ଦୃଷ୍ଟିରୁ ଏଭଳି କରାଯାଇଛି। ଅନ୍ୟପକ୍ଷରେ ଏମକେସିଜି ମେଡ଼ିକାଲର ଶିଶୁ ବିଭାଗରେ ୫ ଡିପଥେରିଆ ଆକ୍ରାନ୍ତ ଶିଶୁ ଚିକିତ୍ସିତ ହେଉଥିବା ବେଳେ ୨ ଜଣଙ୍କ ମୃତ୍ୟୁ ହୋଇଛି। ୩ ଜଣଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସୁଧୁରୁଥିବା ଡ଼ାକ୍ତର କହିଛନ୍ତି। ସୂଚନାଯୋଗ୍ୟ, ଗତ ୧୨ରୁ ୧୭ ତାରିଖ ମଧ୍ୟରେ ରାୟଗଡା ଓ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଏମକେସିଜିକୁ ୫ ଶିଶୁ ରେଫର୍ ହୋଇଥିଲେ। ଏମାନଙ୍କ ଚିକିତ୍ସା ପାଇଁ ଶିଶୁରୋଗ ବିଭାଗ ଅଧୀନରେ ସ୍ୱତନ୍ତ୍ର ସଙ୍ଗରୋଧ କକ୍ଷ କରାଯାଇଛି। ଏବେ ୩ ଆକ୍ରାନ୍ତ ଶିଶୁ ଚିକିତ୍ସାଧୀନ ଅଛନ୍ତି। ମେଡ଼ିକାଲରେ ସେମାନଙ୍କ ଚିକିତ୍ସା ଜାରିଥିବା ବେଳେ ହାଇଦ୍ରାବାଦରୁ ଆଣ୍ଟି ଡିପଥେରିଆ ଭାକ୍ସିନ ମଗାଇ ଆକ୍ରାନ୍ତଙ୍କୁ ଦିଆଯାଇଥିଲା। ଅସୁସ୍ଥ ଶିଶୁଙ୍କ ସାସ୍ଥ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଡାକ୍ତରୀ ଟିମ ଉଦ୍ୟମ ଜାରି ରଖିଛନ୍ତି। ଅନ୍ୟପକ୍ଷରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୧୩ ତାରିଖରେ ରାୟଗଡାର ଜଣେ ୧୨ ବର୍ଷିୟ ଶିଶୁକନ୍ୟା ଓ ବୁଧବାର ସନ୍ଧ୍ୟାରେ କୋରାପୁଟ ଜିଲାର ଜଣେ ନାବାଳକ ମୃତ୍ୟୁ ଘଟିଛି। ମୃତ ଶିଶୁକନ୍ୟାଙ୍କ ନମୁନା ସଂଗ୍ରହ କରାଯାଇଥିଲା।

# ଥଇଥାନରେ ନିଯୁକ୍ତ ବିଜେଡି ନେତାଙ୍କ ପଦ ଯାଇଛି

ବ୍ରହ୍ମପୁର,୧୯।୬(ନରସିଂହ ସାହୁ)

ରାଜ୍ୟରେ ଭାଜପା ସରକାର ଗଠନ ହୋଇଛି। ପୂର୍ବ ସରକାରଙ୍କ ରାଜନୈତିକ ଥଇଥାନରେ ନିଯୁକ୍ତ ଗଞ୍ଜାମ ଜିଲା ବିଜେଡି ନେତାମାନଙ୍କ ପଦ ଯାଇଛି। ବ୍ରହ୍ମପୁର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ନୂଆ ସରକାର ହେବା ପରେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଉପଦେଷ୍ଟା ପଦ ପାଇଥିବା ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ନିର୍ବାଚନ ପୂର୍ବରୁ ଇସ୍ତଫା ଦେବା ସହ ସରକାରୀ ସୁବିଧା ଫେରାଇଥିଲେ ଏବଂ ବିଜେଡି ଛାଡ଼ି ଭାଜପାରେ ମିଶିଥିଲେ। ସେହିପରି ଜିଲା ବିଜେଡିର ଲଗାତର ୩ ଥର ସଭାପତି ଏବଂ ୨୦୧୪ ରୁ ୨୦୧୯ ପର୍ଯ୍ୟନ୍ତ ବିଉଡିଏ (ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ)ର ଅଧ୍ୟକ୍ଷ ପଦ ସମ୍ଭାଳିଥିବା ସୁବାସ ମହାରଣା ୫ମ ପାଳି ନବୀନ ସରକାରରେ ରାଜ୍ୟ କାଜୁ ଉନ୍ନୟନ ନିଗମର ଅଧ୍ୟକ୍ଷ ହୋଇଥିଲେ। ଭାଜପା ସରକାର ହେବାରୁ ସେ ପଦରୁ ଇସ୍ତଫା ଦେଇଛନ୍ତି।

ପୂର୍ବତନ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କୁ ଗଞ୍ଜାମ ଜିଲା ଯୋଜନା କମିଟି ଅଧ୍ୟକ୍ଷ କରାଯାଇଥିଲା। ତାଙ୍କୁ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ଦିଆଯାଇଥିଲା। ୨୦୨୪ ନିର୍ବାଚନରେ ସେ ଗୋପାଳପୁର ଆସନରୁ ବିଜେଡି ଟିକେଟରେ ଲଢ଼ି ପରାସ୍ତ ହୋଇଛନ୍ତି। ସେ ବିଧାୟକ ନ ଥିବା ଏବଂ ଭାଜପା ଶାସନ ହୋଇଥିବାରୁ ପଦ ହରାଇଛନ୍ତି। କମିଟିର ବିଶେଷଜ୍ଞ ସଦସ୍ୟ ଥିବା ରାଜ୍ୟ ବିଜେଡି ମୁଖପାତ୍ର ତୁମ୍ବନାଥ ପଣ୍ଡାଙ୍କ ପଦ ମଧ୍ୟ ଯାଇଛି। ଆଉ ଜଣେ ସଦସ୍ୟ ଏନ. ରଘୁନାଥ ପଦ ହରାଇଛନ୍ତି। ହିଞ୍ଜିଳିକାଟୁରୁ ବିଜେଡି ନେତା ସୁରେନ୍ଦ୍ର ପ୍ରଧାନ ରାଜ୍ୟ କୃଷି ବିପଣନ ନିଗମର ଉପଦେଷ୍ଟା ହୋଇଥିଲେ। ସେ ମଧ୍ୟ ପଦ ହରାଇଛନ୍ତି। ଅନ୍ୟପକ୍ଷରେ ବିଜେଡି ଶାସନରେ ବିଭିନ୍ନ ପଦରେ ଥଇଥାନ କରାଯାଇଥିବା ହିଞ୍ଜିଳି ଅଞ୍ଚଳର ନେତା ଡ଼ି. ବିଶ୍ୱନାଥ, ପବିତ୍ର ପାଣିଗ୍ରାହି ପ୍ରମୁଖଙ୍କ ପଦ ଯାଇଛି।

ଗଞ୍ଜାମର ୮ ବିଜେଡି ନେତାଙ୍କ ପଦ ଯାଇଥିବାରୁ ଜିଲାର ଜଣାଶୁଣା ଭାଜପା ନେତାମାନେ ବିଭିନ୍ନ ବୋର୍ଡ ଓ ନିଗମରେ ଥଇଥାନ କାର୍ଯ୍ୟକ୍ରମରେ ପଦ ପାଇବାକୁ ଆଶାୟୀ ହୋଇଛନ୍ତି। ନୂଆ ସରକାର ଗଠନ ଏବଂ ଜିଲାର ୨ମନ୍ତ୍ରୀଙ୍କ ଦାୟିତ୍ୱ ଗ୍ରହଣର ମାତ୍ର ସପ୍ତାହେ ବିତିଛି। ତେବେ ଆଶାୟୀ ନେତାମାନଙ୍କ ଲବି ଆରମ୍ଭ ହୋଇଯାଇଛି। କେତେଜଣ ଭୁବନେଶ୍ୱରରେ ଡ଼େରା ପକାଇଛନ୍ତି। ୫ ବର୍ଷ ତଳୁ ବିଉଡିଏ ଅଧ୍ୟକ୍ଷ ପଦରେ ରାଜନେତାଙ୍କ ପରିବର୍ତ୍ତେ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱରେ ଅବସ୍ଥାପିତ କରାଯାଇଛି। ସରକାର ବଦଳି ଥିବାରୁ ଅଧ୍ୟକ୍ଷ ପଦ ଲାଗି ଭାଜପା ନେତା ନଜର ପକାଇଛନ୍ତି।

## ଗଞ୍ଜାମ ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ: ସ୍କୁଲ ପାଳିବେ ବିଶ୍ୱ ଯୋଗ ଦିବସ

ବ୍ରହ୍ମପୁର,୧୯।୬
(ସ୍ୱାଧୀନ ଶେଖର ପାଢ଼ୀ)

ଏବେ ଜିଲାରେ ସବୁ ସ୍କୁଲରେ ପାଳନ ହେବ ବିଶ୍ୱ ଯୋଗ ଦିବସ। ଆସନ୍ତା ୨୧ ତାରିଖରେ ଜିଲାର ସବୁ ସ୍କୁଲରେ ବିଶ୍ୱ ଯୋଗ ଦିବସ ପାଳନ ପାଇଁ ଗଞ୍ଜାମ ଜିଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ଗଞ୍ଜାମ ଜିଲାର ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ମାଧ୍ୟମିକ ଏବଂ ଆଦର୍ଶ ବିଦ୍ୟାଳୟର ପ୍ରଧାନଶିକ୍ଷକ, ସ୍କୁଲ ପ୍ରିନ୍ସପାଲଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି। ଯୋଗ ଦ୍ୱାରା କିଭଳି ମନ ଓ ଶରୀର ସୁସ୍ଥ ରହୁଥିବାରୁ ଏହି ଦିବସ ପାଳିବା ପାଇଁ ପରାମର୍ଶ ଦେଇଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶରେ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ସ୍କୁଲ ଛୁଟି ହେବ। ୨୧ ତାରିଖରେ କିଭଳି ଏହି ଦିବସ ପାଳନ କରାଯିବ ତାକୁ ନେଇ ଚିନ୍ତା ବଢ଼ିଛି।

## ଧର୍ମ ପରାୟଣ ବ୍ୟକ୍ତିଙ୍କ ପରଲୋକ

ବ୍ରହ୍ମପୁର,୧୯।୬(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଉପକଣ୍ଠ ଭାବିନୀପୁର ଗ୍ରାମର ସୁଧାଂଶୁ ଶେଖର ଶତପଥୀ(୭୦)ଙ୍କ ପରଲୋକ ଘଟିଛି। ସେ କିଛି ଦିନ ହେଲା ଅସୁସ୍ଥ ଥିବାରୁ ଚେନ୍ନାଇଠାରେ ଚିକିତ୍ସିତ ହେଉଥିଲେ। ସେଠାରେ ତାଙ୍କର ମୃତ୍ୟୁ ହେବା ପରେ ମରଶରୀରକୁ ଗ୍ରାମକୁ ଅଣାଯାଇଥିଲା। ସେ ଜଣେ ମିଷ୍ଟଭାସୀ ଓ ଧର୍ମପରାୟଣ ଥିଲେ। ବହୁ ଲୋକ ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ସତ୍କାର କରାଯାଇଛି।

# ରୋଡ୍ ଡିଭାଇଡରରେ କଟୁଛି ରାତି



ଜଣେ ଅସହାୟ ବ୍ୟକ୍ତି ରୋଡ ଡିଭାଇଡରେ ଶୋଇଛନ୍ତି।

**ଖୋଲା ଆକାଶ ତଳେ ଅସହାୟ ଓ ଗରିବ**

ବ୍ରହ୍ମପୁର,୧୯।୬(ସ୍ୱାଧୀନ ଶେଖର ପାଢ଼ୀ)

ବ୍ରହ୍ମପୁର ସହରରେ ବୁଲୁଥିବା ଅନେକ ଅସହାୟ ଓ ଗରିବ ଲୋକେ ରାତିରେ ଶୋଇବା ପାଇଁ ରୋଡ୍ ଡିଭାଇଡରକୁ ବାଛି ନେଇଛନ୍ତି। ଦିନସାରା ପେଟ ଚାଖଣ୍ଡକ ପାଇଁ କିଏ କେଉଁ ପରିଶ୍ରମ କରୁଥିଲେ ବି ଶୋଇବା ପାଇଁ ଖୋଲା ଆକାଶ ତଳେ ଡିଭାଇଡର ଭରସା ହୋଇଛି। ତେବେ ରୋଡ ଡିଭାଇଡର ଯେ ସେମାନଙ୍କ ପାଇଁ କେତେବେଳେ ଯେ ବିପଦ ନ ସାଜିବ କହିହେଉନି।

ସହରର ସୁବାରାଓ ରାସ୍ତା ମଝିରେ ଥିବା ଡିଭାଇଡ଼ରରେ ସୋମବାର ରାତିରେ ଅନେକ ଲୋକ ଶୋଇଥିବା ଦେଖାଯାଇଥିଲା। ସେହିପରି ବିଜିପୁର, ବଡ଼ବଜାର, ଉତ୍କଳ ଆଶ୍ରମ ରୋଡ଼, ଷ୍ଟେଶନରୋଡ଼, ଖଲ୍ଲିକୋଟ କଲେଜ ଆଦି ରାସ୍ତାରେ ସେହି ଏକା ଦୃଶ୍ୟ ଦେଖାଯାଇଥିଲା। ସରକାର ଗରିବ, ଅସହାୟଙ୍କ ପାଇଁ ଯୋଜନା ସବୁ କରୁଥିଲେ ମଧ୍ୟ ଏମାନଙ୍କ ଭାଗ୍ୟ ବଦଳୁନି। ରାସ୍ତାର ଦୁଇ ପାର୍ଶ୍ୱରେ ଅନେକ ଗାଡିମୋଟର ଯା'ଆସ କରୁଛି। ଯଦି କେତେବେଳେ କେହି ନିଦରେ ଡିଭାଇଡରରୁ ଖସିଗଲେ ରାସ୍ତା ଉପରେ ପଡିବେ ଓ ଗାଡି ଧକ୍କାରେ ଅକାରଣରେ ଜୀବନ ଚାଲିଯିବ। ସେହିପରି କୌଣସି ଗାଡ଼ିଚଳାକ ଭାରସାମ୍ୟ ହରାଇ ଡିଭାଇଡରକୁ ମାଡିଗଲେ ଲୋକଙ୍କ ଜୀବନ ଯିବ। ଗରିବ ଓ ଅସହାୟମାନେ ଏବେ ବି ଘର ଖଣ୍ଡିଏ ପାଇଁ ନେହୁରା ହେଉଥିବା ଦେଖାଯାଉଛି। ଅନ୍ୟପଟେ ଯେଉଁମାନେ ପରିବାର ସହ ବସ୍ତିରେ ରହୁଥିଲେ ସେମାନଙ୍କ ପାଇଁ ସରକାର ଆପାର୍ଟମେଣ୍ଟ କରି ଘର ଯୋଗାଇଦେଲେ। କିନ୍ତୁ ଯିଏ ରାସ୍ତାରେ ଖୋଲା ଆକାଶ ତଳେ ଶୋଉଛନ୍ତି ସେମାନଙ୍କ ପାଇଁ କିଛି ନାହିଁ। ସେମାନଙ୍କ ଏଭଳି ଅବସ୍ଥା ସମସ୍ତଙ୍କ ଆଖିରେ ପଡୁଥିଲେ ବି କେହି ପଦେ ବି ମୁହଁ ଖୋଲୁନାହାନ୍ତି। ତେଣୁ ଏପରି ଅସହାୟଙ୍କୁ ଥଇଥାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସାମାଜିକ କର୍ମୀ କାମାରାଜୁ ମହାରଣା ସରକାରଙ୍କୁ ଅନୁରୋଧ କରିଛନ୍ତି ।

# ତାଲା ବନ୍ଦ ଘରୁ ଚୋରି

ବ୍ରହ୍ମପୁର,୧୯।୬(ସୁବାସ ଚନ୍ଦ୍ର ପାଢ଼ୀ)

ଗୋଷାଣୀନୂଆଗାଁ ଥାନା ସମତା ବିହାରରେ ଲୁଟିଆ ଗ୍ୟାଙ୍ଗ ଏକ ତାଲା ବନ୍ଦ ଘରେ କଳାକନା ବୁଲାଇଛନ୍ତି। ଗୃହର୍କାଙ୍କ ଅନୁପସ୍ଥିତିର ଫାଇଦା ନେଇ ଲୁଟିଆମାନେ ଗ୍ରୀଲ ଭାଙ୍ଗି ଆଲମୀରାର ଲକର ତାଡ଼ି ଥିବା ମୂଲ୍ୟବାନ ସାମଗ୍ରୀ ନେଇ ଯାଇଛନ୍ତି। ଏଥି ସହିତ ଘରେ ଥିବା ଏକ ସ୍କୁଟିଗାଡି ମଧ୍ୟ ନେଇଯାଇଛନ୍ତି। ଏନେଇ ତାଙ୍କ ଭଣଜା ଅଶୋକ କୁମାର ଡାକୁଆ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏ ସଂକ୍ରାନ୍ତରେ ନଂ.୧୪୭/୨୪ରେ ଏକ ମାମଲା ରୁଜୁ କରି ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ଖୋଳତାଡ କରୁଛି। ପୋଲସରାର ଅଶୋକ ଡାକୁଆ କୌଣସି କାମ ଧନ୍ଦା ପାଇଁ ବ୍ରହ୍ମପୁର ଗୋଷାଣୀନୂଆଗାଁ ଶାସ୍ତ୍ରୀ ନଗରରେ ଏକ ଭଡା ଘରେ ରୁହନ୍ତି। ଗୋଷାଣୀନୂଆଗାଁ କୌତୁକୀ ନଗର ନିକଟ ସମତା ବିହାରର ଘର ନଂ. ୩୭ରେ ରୁହନ୍ତି ତାଙ୍କ ମାମୁଁ ଲକ୍ଷ୍ମୀ ନାରାୟଣ ବେହେରା। କିଛି ମାସ ତଳେ ଲକ୍ଷ୍ମୀ ନାରାୟଣ ବାଙ୍ଗାଲୁରୁରେ ରହୁଥିବା ତାଙ୍କ ପୁଅ ପାଖକୁ ଚାଲି ଯାଇଥିଲେ। ଗତ ୧୭ ତାରିଖ ଲକ୍ଷ୍ମୀ ନାରାୟଣଙ୍କ ଘରୁ ଚୋରି ହୋଇଥିବା ଖବରପାଇ ଅଶୋକ ପୋଲିସକୁ ଜଣାଇଥିଲେ। ଗୃହକର୍ତ୍ତା ଅନୁପସ୍ଥିତ ଥିବାରୁ ତାଙ୍କ ଆଲମୀରାରେ କେତେ ପରିମାଣର ସୁନା ଗହଣା, ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଛି ଜଣାପଡିନାହିଁ। ଗୃହକର୍ତ୍ତା ଫେରିବା ପରେ ତାଙ୍କ ଘରୁ କ'ଣ ସବୁ ଚୋରି ହୋଇଛି ତାହା ଜଣାପଡିବ ବୋଲି ପୋଲିସ କହିଛି।

# ରକ୍ତଶିକୁଳି ରକ୍ତହୀନତା ନିରାକରଣ ସଚେତନତା ଅଭିଯାନ ଆରମ୍ଭ



ଟାଉନ ହଲଠାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମ।

ବ୍ରହ୍ମପୁର,୧୯।୬ (ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲାସ୍ତରୀୟ ରକ୍ତ ଶିକୁଳି ରକ୍ତହୀନତା ନିରାକରଣ ସଚତନତା ଅଭିଯାନ ବୁଧବାର ଟାଉନ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳାଇ ମୁଖ୍ୟ ଅତିଥି, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଉମାଶଙ୍କର ମିଶ୍ର, ଜିଲା ମଙ୍ଗଳ ଅଧିକାରୀ, ବ୍ରହ୍ମପୁର ଏମ୍‌ପି ପ୍ରତିନିଧି ଡା. ସୁବାଷଚନ୍ଦ୍ର ସାହୁ, ବିଧାୟକ ପ୍ରତିନିଧି ବିକ୍ରମ କେଶରୀ ପଣ୍ଡା, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଭିବିଡି) ଡା. ସନ୍ତୋଷ ପାଢୀ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(କୁଷ୍ଠ) ଡା. ଅନିଲ ରଥ, ଜିଲା ମେଡିକାଲ ଅଧିକାରୀ ଡା. ବିଶ୍ୱମ୍ଭର ବେହେରା, ଡିଏମଆରସିଏଚ ଶକ୍ତି କୁମାର ଦିଗାଲ ପ୍ରମୁଖ ଅତିଥି ଥିଲେ। କେନ୍ଦ୍ର ସରକାର୨୦୪୭ ସୁଦ୍ଧା ଭାରତକୁ ରକ୍ତ ଶିକୁଳି ରକ୍ତହୀନତା ମୁକ୍ତ କରିବାକୁ ଘୋଷଣା କରିଛନ୍ତି। ଏ ନେଇ ସଚେତନତା ସହ ପ୍ରଭାବିତ ଅଞ୍ଚଳରେ ଶୂନରୁ ୪୦ ବର୍ଷ ବୟସର ଲୋକଙ୍କ ଯାଞ୍ଚ କରିବାକୁ ଲକ୍ଷ୍ୟ ରଖାଯାଇଛି । ସେହିକ୍ରମରେ ଜୁନ ୧୯ରୁ ଜୁଲାଇ ୩ ଯାଏଁ ସ୍ୱତନ୍ତ୍ର ଅଭିଯାନ ହେଉଛି। ଏବେସୁଦ୍ଧା ଗଞ୍ଜାମ ଜିଲାରେ ୨୩ ଶିବିର ଆୟୋଜନ କରାଯାଇ ୩୦୦୦ ଜଣଙ୍କୁ ଯାଞ୍ଚ କରାଯାଇଛି। ବୁଧବାର ଟାଉନ ହଲ ଠାରେ ଶୂନରୁ ୨୫ ବର୍ଷ ବୟସର ୧୮୬ ଜଣଙ୍କ ଶୁଷ୍କ ରକ୍ତ କଣିକା ପଦ୍ଧତିରେ ଯାଞ୍ଚ କରାଯାଇଛି । କାର୍ଯ୍ୟକ୍ରମରେ ଜିଲାସ୍ତରୀୟ ପରାମର୍ଶଦାତା, ଏଏନଏମ, ଆଶାକର୍ମୀ, ନର୍ସିଂ ଅଧିକାରୀ, ନର୍ସିଂ କଲେଜ ଓ ଏଏନଏମଟିସିର ପ୍ରଶିକ୍ଷିକା ଉପସ୍ଥିତ ଥିଲେ।

# ଏମ୍‌କେସିଜି କାଜୁଆଲଟିରେ ରୋଗୀ ସମ୍ପର୍କୀୟଙ୍କୁ ଦୁର୍ବ୍ୟବହାର

■ରକ୍ତ ନମୁନା ସଂଗ୍ରହକୁ ମନା କଲେ ହାଉସ ସର୍ଜନ

■ଅଧୀକ୍ଷକଙ୍କ ନିକଟରେ ଲିଖିତ ଅଭିଯୋଗ

ବ୍ରହ୍ମପୁର,୧୯।୬(ସୁବାସ ଚନ୍ଦ୍ର ପାଢ଼ୀ)

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମକେସିଜି) କାଜୁଆଲିଟି(ଆଶୁ ଚିକିତ୍ସା ବିଭାଗ)ରେ ରୋଗୀଙ୍କ ରକ୍ତ ନମୁନା ସଂଗ୍ରହ କରିବାକୁ ହାଉସ ସର୍ଜନ ମନା କରିଛନ୍ତି। ଏପରିକି ସଂପୃକ୍ତ ହାଉସ ସର୍ଜନ ଜଣଙ୍କ ରୋଗୀଙ୍କ ସମ୍ପର୍କୀୟଙ୍କୁ ଦୁର୍ବ୍ୟବହାର କରିଛନ୍ତି। ଠିକ ସମୟରେ ରକ୍ତ ନମୁନା ସଂଗ୍ରହ ନ ହବାରୁ ରୋଗୀଙ୍କ ଅବସ୍ଥା ଗୁରୁତର ହୋଇଥିବା ରୋଗୀ ସମ୍ପର୍କୀୟ ଜଣକ ଏମକେସିଜିର ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ କରିଛନ୍ତି।

କୁକୁଡ଼ାଖଣ୍ଡି ପଞ୍ଚାୟତ ବୋଉଳଝୋଳି ଗ୍ରାମର ବଳରାମ ପାତ୍ରଙ୍କ ଭାଇଙ୍କୁ କିଛିଦିନ ହେବ ଜ୍ୱର ହୋଇଥିଲା। ଗତ ୧୮ତାରିଖରେ ବଳାରାମ ତାଙ୍କ ସାନ ଭାଇଙ୍କୁ ଏମକେସିଜିର ଆଶୁ ଚିକିତ୍ସା ବିଭାଗରେ ଭର୍ତ୍ତି କରିଥିଲେ। ଡାକ୍ତର ଚିକିତ୍ସା କରି ଆରଡିସି(ଆଞ୍ଚଳିକ ରୋଗ ନିଦାନ କେନ୍ଦ୍ର)କୁ ଯାଇ ରକ୍ତ ପରୀକ୍ଷା



କରିବାକୁ କହିଥିଲେ। କିନ୍ତୁ ତାଙ୍କ ଭାଇ ଦେହ ଖରାପରୁ ଛିଡ଼ା ହେବାରେ ସକ୍ଷମ ନ ହେବାରୁ ଆଶୁ ଚିକିତ୍ସା ବିଭାଗରେ ହିଁ ଭାଇଙ୍କ ରକ୍ତ ନମୁନା ସଂଗ୍ରହ କରିବାକୁ ବଳରାମ ଡାକ୍ତରଙ୍କୁ ଅନୁରୋଧ କରିଥିଲେ। ସେଠାରେ କାର୍ଯ୍ୟରତ ଜଣେ ହାଉସ ସର୍ଜନ ବଳରାମଙ୍କୁ ଉଚ୍ଚସ୍ୱରରେ କହିବା ସହ ଏତେ ଦିନ ହେଲା କେଉଁଠି ଥିଲା ପଚାରି ତୁମ ଭାଇଙ୍କ ରକ୍ତ ନମୁନା ସଂଗ୍ରହ କରିବୁ ନାହିଁ ବୋଲି ମନା କରି ଦେଇଥିଲେ। ପରେ ରକ୍ତ ପରୀକ୍ଷା ଆବଶ୍ୟକ ନାହିଁ, କେବଳ ଅଲଟ୍ରାସାଉଣ୍ଡ ଓ ଏକ୍ସରେ କରି ଆଣିବାକୁ ପରାମର୍ଶ ଦେଇଥିଲେ। ହେଲେ ବିନା ରକ୍ତ ପରୀକ୍ଷାରେ ରୋଗ ଚିହ୍ନଟ ଅସମ୍ଭବ ଜାଣି ପୁଣି ଅନୁରୋଧ କରିଥିଲେ। ହାଉସ ସର୍ଜନ ଜଣକ ଅଧିକ ରାଗି ଯାଇ ଦୁର୍ବ୍ୟବହାର କରିଥିଲେ। ପରେ ବଳରାମ କାଜୁଆଲଟି ମେଡିକାଲ ଅଫିସରଙ୍କୁ କହି ଅନ୍ୟ ଏକ କର୍ମଚାରୀଙ୍କ ଦ୍ୱାରା ତାଙ୍କ ଭାଇଙ୍କ ରକ୍ତ ନମୁନା ସଂଗ୍ରହ କରିଥିଲେ। ଏହା ଭିତରେ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିଳମ୍ବ ହୋଇଥିଲା। ଫଳରେ ତାଙ୍କ ଭାଇଙ୍କ ସ୍ୱାସ୍ଥ୍ୟବସ୍ଥା ଅଧିକ ଖରାପ ହୋଇଥିଲା। କାଜୁଆଲିଟିରେ ଘଟିଥିବା ଏହି ଘଟଣାକୁ ନେଇ ବଳରାମ ବୁଧବାର ଏମକେସିଜିର ଅଧୀକ୍ଷକଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରି କାର୍ଯ୍ୟରେ ଅବହେଳା କରିଥିବା ହାଉସ ସର୍ଜନ ଓ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ସେହିପରି ନିଜ ଅଭିଯୋଗର ନକଲ ସ୍ୱାସ୍ଥ୍ୟ ବିଭାଗ ମନ୍ତ୍ରୀ ଓ ସଚିବଙ୍କ ନିକଟକୁ ମଧ୍ୟ ପଠାଇଥିବା ବଳରାମ କହିଛନ୍ତି। ଏମକେସିଜି କାଜୁଆଲିଟିରେ ରୋଗୀଙ୍କ ରକ୍ତ ନମୁନା ସଂଗ୍ରହ କରିବା ତଥା ରକ୍ତ ସର୍କରା ପରୀକ୍ଷା କରିବାକୁ ନେଇ ପୂର୍ବରୁ ହାଉସ ସର୍ଜନ ଡାକ୍ତର ଓ ନର୍ସିଂ ଅଫିସରଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। କାଜୁଆଲିଟିକୁ ଗୁରୁତର ରୋଗୀ ଆସୁଥିବାରୁ ରୋଗୀଙ୍କ ଶରୀରରୁ କିଏ ରକ୍ତ ନମୁନା ସଂଗ୍ରହ କରିବ ତାହା ସ୍ପଷ୍ଟ ହୋଇପାରୁନି। ଅନେକ ସମୟରେ ହାଉସ ସର୍ଜନ ଡାକ୍ତରମାନେ ରୋଗୀଙ୍କୁ ଆରଡିଓକୁ ପଠାଇ ଦେଉଛନ୍ତି। ଫଳରେ ଗୁରୁତର ରୋଗୀଙ୍କ ଚିକିତ୍ସାରେ ବିଳମ୍ବ ଘଟୁଛି। ଏ ଦିଗରେ ଏମକେସିଜି କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି।

